## ସଂକ୍ଷେପରେ

### ମୋବାଇଲ କାଳ ହେଲା ସପ୍ତମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

ଆସିକା, ୨୩।୯(ଡି.ଏନ.ଏ.): ଆସିକା ଥାନା ଅନ୍ତର୍ଗତ ନଳବଣ୍ଟା ଗ୍ରାମର ଗୁରୁବାର ଜଣେ ସପ୍ତମ ଶ୍ରେଣୀର ଛାତ୍ର ଆତ୍ମହତ୍ୟା କରିଥିବା ଜଣାପଡିଛି । ଅଧିକାଂଶ ସମୟରେ ମୋବାଇଲ ବ୍ୟବହାର କରୁଥିବାରୁ ମାଆ ପୁଅକୁ ତାଗିଦ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ନାବାଳକ ଜଣକ ଏଭଳି କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଆସିକା ଥାନାରେ ନଂ.୨୧/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ପରିବାରର ଲୋକଙ୍କ ଅନୁପସ୍ଥିତିରେ ନାବାଳକ ଜଣକ ଘର ଉପର ମହଲା ସିଲିଂ ଫ୍ୟାନ୍ ହୁକରେ ଏକ ଶାଢି ବେକରେ ବାନ୍ଧି ଝୁଲନ୍ତା ଅବସ୍ଥାରେ ଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଗଞ୍ଜାମ,୨୩।୯(ଡି.ଏନ.ଏ): ଆନ୍ଧ୍ରପ୍ରଦେଶର ସୀମାଞ୍ଚଳ ଠାକୁରଙ୍କୁ ଦର୍ଶନ କରି ଫେରୁଥିବା ବେଳେ ଦୁର୍ଘଟଣାରେ ଗଞ୍ଜାମ ସହର ୪ ନମ୍ବର ୱାର୍ଡର ଚନ୍ଦନ ମହାରଣା(୨୫)ଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ଚନ୍ଦନ ଓ ତାଙ୍କ ଭାଇ ରାଜା ବାଇକ୍‌ରେ ସୀମାଞ୍ଚଳଙ୍କୁ ଦର୍ଶନ କରି ଫେରୁଥିଲେ। ବଡ଼ଭାଇ ଚନ୍ଦନ ବାଇକ ଚଳାଉଥିବା ବେଳେ ବିଜାନଗର ନିକଟରେ ଏକ ଟ୍ରକ ସହ ଧକ୍କା ହେବାରୁ ଦୁଇ ଭାଇ ଛିଟିକି ପଡ଼ିଥିଲେ। ଏଥିରେ ଚନ୍ଦନ ଗୁରୁତର ଆହତ ହୋଇଥିବାରୁ ତାଙ୍କୁ ବିଶାଖାପାଟଣା ମେଡିକାଲ ନିଆଯାଇଥିଲା। ବୁଧବାର ସନ୍ଧ୍ୟାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରବାର ମୃତଦେହ ଆସିଛି।

### ମହିଳାଙ୍କୁ ବଳାତ୍କାର ଅଭିଯୋଗ: ୨ଗିରଫ

ହିଞ୍ଜିଳିକାଟୁ,୨୩।୯(ଡି.ଏନ.ଏ): ହିଞ୍ଜିଳି ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ବଳାତ୍କାର ଓ ଗାଳିଗୁଲଜ କରିଥିବା ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ବଳାତ୍କାର ଅଭିଯୁକ୍ତ ହେଲେ ପୋଲସରା ଥାନା କଳମ୍ବ ଗ୍ରାମର ରାଜେଶ କୁମାର ପାଢ଼ୀ। ତାଙ୍କ ମାମୁ ଭଞ୍ଜନଗରର ରାମହରି ସାହୁ ଗାଳିଗୁଲଜ କରି ଗିରଫ ହୋଇଛନ୍ତି। ହିଞ୍ଜିଳି ଇନାରେ ହୋଇଥିବା ମାମଲା ନଂ.୪୯୬/୨୧ରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ରାଜେଶ ଏକ ଘରୋଇ ଫାଇନାନ୍ସ କମ୍ପାନୀରେ କାମ କରୁଥିଲେ। ଗ୍ରୁପ ଲୋନ ଦେବା ପ୍ରଲୋଭନ ଦେଖାଇ ସମ୍ପୃକ୍ତା ମହିଳାଙ୍କୁ ନେଇ ଫେରାର ହୋଇଯାଇଥିଲେ। ପରେ ବଳାତ୍କାର କରିଥିବା ନେଇ ମହିଳା ଜଣକ ଥାନାରେ ବୁଧବାର ଅଭିଯୋଗ କରିଥିଲେ।

### ଦିବ୍ୟାଙ୍ଗ ଚିହ୍ନଟ ଶିବିର

ଆସିକା, ୨୩।୯ (ଡି.ଏନ୍.ଏ.): ଗଞ୍ଜାମ ଜିଲା ସମଗ୍ର ଶିକ୍ଷା ଏବଂ ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ ମିଳିତ ସହଯୋଗରେ ଗୁରୁବାର ଆସିକା ସହର ଉପକଣ୍ଠ କାଳକଣ୍ଡପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଦିବ୍ୟାଙ୍ଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା । ଏହାକୁ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ଉଦ୍‌ଘାଟନ କରିବା ସହ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରି ଏହାର ରକ୍ଷଣାବେକ୍ଷଣ ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗୀରଥି ପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଶିବିରରେ ଆସିକା ଓ ଧରାକୋଟ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ୯୧ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କୃତ୍ରିମ ଅଙ୍ଗ ନିର୍ମାଣ ସଂସ୍ଥା ବିଶେଷଜ୍ଞ ନିବେଦିତା ପୃଷ୍ଟି, ସୋନାଲି ମିଶ୍ର, ସୌମ୍ୟରଞ୍ଜନ ପତି ଓ କୈଳାସ ସାହୁ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାପାତ୍ର, ଗୋଷ୍ଠୀ ସମ୍ବଳ ଶିକ୍ଷକ ହେମନ୍ତ କୁମାର ନନ୍ଦ, ମନ୍ଦାକିନୀ ରଥ, ଡମ୍ବରୁ ଦୋରା, ସୀତାକାନ୍ତ ପଣ୍ଡା ଓ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ପୋଷାକ ବିତରଣ

କାଶୀନଗର,୨୩।୯(ଡି.ଏନ.ଏ.): କାଶୀନଗର ବାରଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ଗୁରୁବାର ପୋଷାକ ବିତରଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ରାଧାଶ୍ୟାମ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ରାଜେଶ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ।

# ଜଙ୍ଗଲ ଜମି ପଟ୍ଟା ଘର ନିର୍ମାଣରେ ଦୁର୍ନୀତି

## କାଗଜ କଲମରେ ଅଛି, ବାସ୍ତବରେ ନାହିଁ

ଫୁଲବାଣୀ ଅଫିସ,୨୩।୯


ମାଟି ଘରେ ଲାଗିଥିବା ଆବାସ ଫଳକ ।

ଫୁଲବାଣୀ ବ୍ଲକ ଗୁମାଗଡ ପଞ୍ଚାୟତରେ ଜଙ୍ଗଲ ଜମି ପଟ୍ଟାରେ ଘର ନିର୍ମାଣରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ମୋଟ ୮୪ ଜଣ ହିତାଧିକାରୀଙ୍କ ମଧ୍ୟରୁ ୪ ଜଣଙ୍କର ଆଦୌ ଘର ହୋଇନାହିଁ। ମାତ୍ର ସେମାନଙ୍କ ନାମରେ ଟଙ୍କା ଯାଇଥିବା ବ୍ଲକ କାର୍ଯ୍ୟାଳୟ କାଗଜପତ୍ରରେ ଦର୍ଶାଯାଇଛି। ଅନ୍ୟପଟେ ଘର ନ ପାଇ ହିତାଧିକାରୀ ହଇରାଣ ହେଉଛନ୍ତି। ବ୍ଲକ ପ୍ରଶାସନକୁ ଜଣାଥିଲେମଧ୍ୟ ତଦନ୍ତ ଆଳରେ ଦିନ ଗଡାଯାଉଛି। ରାଜ୍ୟ ସରକାରଙ୍କ ଏହି ଯୋଜନାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଘର କାମ ନ କରି ଟଙ୍କା ହଡପ କରାଯାଇଥିବା ହିତାଧିକାରୀ କହିଛନ୍ତି।

ଜଙ୍ଗଲ ଜମି ଅଧିକାର ଆଇନ ଅନୁସାରେ ରାଜ୍ୟ ସରକାର ଗରୀବ ଆଦିବାସୀଙ୍କୁ ୨୦୧୩-୧୪ରେ ଘର ଯୋଗାଇ ଦେଇଥିଲେ। ଗୋଟିଏ ଘର ପିଛା ୭୫ ହଜାର ଟଙ୍କା ମଞ୍ଜୁର ଥିଲା। ଏହି ଯୋଜନାରେ ଗୁମାଗଡ ପଞ୍ଚାୟତର ୮୪ ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ଘର ତିଆରି ପାଇଁ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିଲା। ଘର ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ୩ଟି କିସ୍ତିରେ ଏହି ଟଙ୍କା ଦିଆଯାଉଥିଲା। ସମସ୍ତ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଯାଇଥିବା କାଗଜପତ୍ରରେ ଦର୍ଶାଯାଇଥିଲେ ମଧ୍ୟ ୪ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଯାଇନାହିଁ କି ସେମାନେ ଘର କରିନାହାନ୍ତି। ତେବେ ଏହି ଟଙ୍କା କୁଆଡେ ଗଲା ଏବଂ କିଏ ନେଇଛନ୍ତି ତାହାର ଠିକ ଉତ୍ତର ବ୍ଲକ ପ୍ରଶାସନ ଦେଇପାରୁନାହିଁ। ବ୍ୟାଙ୍କକୁ ତଥ୍ୟ ମଗାଯାଇଛି ବୋଲି କୁହାଯାଉଛି। ଗୁମାଗଡ ପଞ୍ଚାୟତ ପାଣ୍ଡ୍ରିମେଣ୍ଡି ଗ୍ରାମର ହିତାଧିକାରୀ ମହେନ୍ଦ୍ର କହଁର, ବାଡିସୁଗାର ହରିହର କହଁର, କେନ୍‌ପାଜୁର ନିତ୍ୟାନନ୍ଦ କହଁର ଓ ଚାଞ୍ଚଡାପାଲିର ରଘୁନାଥ ମଲ୍ଲିକଙ୍କ ନାମରେ ୭୫ ହଜାର ଲେଖାଏ ଟଙ୍କା ଯାଇଥିବା ନେଇ ପଞ୍ଚାୟତକୁ ଲିଷ୍ଟ ପ୍ରଦାନ କରାଗଲା, ସେତବେଳେ କଥା ପଦାକୁ ଆସିଲା। ପଞ୍ଚାୟତ ତରଫରୁ ନିର୍ମାଣ ହୋଇଥିବା ଘରେ ଫଳକ ଲଗାଇଲା ବେଳେ ସମ୍ପୃକ୍ତ ହିତାଧିକାରୀମାନଙ୍କ ଘର ନ ଥିବା ଜଣାପଡ଼ିଥିଲା। ତଥାପି ସେମାନଙ୍କ ଚାଳ ଘରେ ଫଳକ ଲଗାଗଲା। ଏ ନେଇ ହିତାଧିକାରୀ ଟଙ୍କା ପାଇ ନ ଥିବା ଏବଂ ଘର କରି ନ ଥିବା ସରପଞ୍ଚଙ୍କୁ ଅବଗତ କରିଥିଲେ। ପରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେତବେଳର ବିଡିଓ ଘଟଣାର ତଦନ୍ତ କରାଯିବ ବୋଲି କହିଥିଲେ। ହେଲେ ଏ ପର୍ଯ୍ୟନ୍ତ ତଦନ୍ତ ଆଗେଇଲା ନାହିଁ। ଅନ୍ୟପକ୍ଷରେ ଘଟଣା ତଦନ୍ତ ପରିସର ରହିଥିବାରୁ କୌଣସି ମତାମତ ଦେବାକୁ ବିଡିଓ ସାନ୍ତନୁ ନାୟକ ମନା କରିଥିଲେ।

# ଓର୍‌ମାସର ଦିନିକିଆ ତାଲିମ ଶିବିର



ଶିବିରରେ ଉପସ୍ଥିତ ମହିଳା ।

ଫୁଲବାଣୀ ଅଫିସ/ସାରଙ୍ଗଡ, ୨୩।୯

କ.ନୂଆଗାଁ ବ୍ଲକ ସାରଙ୍ଗଡ ପଞ୍ଚାୟତ ପେଣ୍ଡିପଦର ଗ୍ରାମରେ ବୁଧବାର ଓରମାସ ପକ୍ଷରୁ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସାରଙ୍ଗଡ ସମିତିସଭ୍ୟ ଜୟସେନ ପୂଜାରୀ, ସମ୍ମାନିତ ଅତିଥି ଭାବେ ଯଶୋବନ୍ତି ସାହୁ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପେଣ୍ଡିପଦର ଏକ ଅନୁନ୍ନତ ଆଦିବାସୀ ଗ୍ରାମ । ଗୃହିଣୀମାନେ କିପରି ଏସ୍‌ଏଚ୍‌ଜି ଗଠନ କରି ଆତ୍ମନିର୍ଭର ହେବେ ତାହା ଉପରେ ଜୋର ଦିଆଯାଇଥିଲା । ସେମାନେ ହଳଦୀ, ଆଳୁ, ପନିପରିବା ଚାଷ କରି ଲାଭବାନ ହେବା ସହ ଅନ୍ୟମାନଙ୍କୁ ପ୍ରେରଣା ଦେଇପାରିବେ । ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହୋଇପାରିବେ ବୋଲି ତାଲିମଦାତା ବସନ୍ତ କୁମାର ପ୍ରଧାନ, ଗାନ୍ଧି ସାହୁ ବୁଝାଇଥିଲେ । ସେହିପରି ଗ୍ରୁପ ମାଧ୍ୟମରେ ମିଳୁଥିବା ସହାୟତାର ସଦୁପଯୋଗ କରି ଆଗକୁ ବଢ଼ିବାକୁ ଯଶୋବନ୍ତୀ ପରାମର୍ଶ ଦେଇଥିଲେ । ଶିବିରରେ ମା' ଠାକୁରାଣୀ ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟ ଯୋଗ ଦେଇଥିଲେ।

# ଫୁଲବାଣୀ ଆଇଟିଡିଏର ପ୍ରକଳ୍ପସ୍ତରୀୟ ବୈଠକ



ପୁସ୍ତକ ଉନ୍ମୋଚନ କରାଯାଉଛି ।

ଫୁଲବାଣୀ ଅଫିସ, ୨୩।୯- ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡ଼ିଏ) ପକ୍ଷରୁ ଗୁରୁବାର ପ୍ରକଳ୍ପସ୍ତରୀୟ ବୈଠକ ଜିଲାପାଳ ଡ଼ା. ବୃନ୍ଦା ଡ଼ିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲା ପରିଷଦ ଅଧ୍ୟକ୍ଷା ଆଙ୍କାକ୍ଷା ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଦେବେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ଫୁଲବାଣୀ ଆଇଟିଡ଼ିଏର ୨୦୨୦-୨୧ ଆର୍ଥିକ ବର୍ଷର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ପ୍ରକଳ୍ପ ପ୍ରଶାସକ ବିରେନ୍ଦ୍ର କୁମାର ଦାସ ସସସ୍ତ ସଦସ୍ୟମାନଙ୍କୁ ଆଇଟିଡ଼ିଏ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ସେହିପରି ଆଗାମୀ ଆର୍ଥିକ ବର୍ଷ ପାଇଁ ଏକ ବିଧିବଦ୍ଧ ଯୋଜନାର କାର୍ଯ୍ୟସୁଚୀ ଅନୁମୋଦନ ପାଇଁ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ସ୍ୱାତିର ସମ୍ପାଦକ ହରିଶଙ୍କର ରାଉତ ଜୀବୀକା ମିଶନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଧାୟକ ଜନଜାତି ବହୁଳ ଗ୍ରାମଗୁଡ଼ିକୁ ରାସ୍ତା ସଂଯୋଗ କରଣ ଓ ଆବାସିକ ବିଦ୍ୟାଳୟରେ ଆନୁସଂଗିକ ସୁବିଧା ପାନୀୟ ଜଳ ଯୋଗାଣ, ବିଦ୍ୟୁତ କରଣ ଓ ଶିକ୍ଷାର ଗୁଣାତ୍ମକ ବୃଦ୍ଧି ପାଇଁ ପ୍ରସ୍ତାବ ରଖିଥିଲେ । ଏମପିଙ୍କ ପ୍ରତିନିଧି ଦେବେନ୍ଦ୍ର ସାମଲ ଆମ୍ବ ପ୍ରକ୍ରିୟା କରଣକୁ ପ୍ରାଧାନ୍ୟ ଦେଇଥିଲେ। ଜିଲାପାଳ ଛୋଟ ଶିତଳ ଭଣ୍ଡାର, ଶ୍ରେଣୀଗୃହ, ସ୍ମାର୍ଟ କ୍ଲାସ ରୁମ, ଉଠା ଜଳସେଚନ ପ୍ରତି ଅଧିକ ଦୃଷ୍ଟି ଦେବାପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ବୈଠକରେ ସମସ୍ତ ଜିଲାସ୍ତରୀୟ ପଦଧିକାରୀଙ୍କ ସମେତ ଫୁଲବାଣୀ, ଖଜୁରୀପଡ଼ା ଓ ଫିରିଙ୍ଗିଆ ବ୍ଲକ ଅଧକ୍ଷ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ ସମସ୍ତ ପ୍ରକଳ୍ପକୁ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ମତ ରଖିଥିଲେ । ଏହି ଅବସରରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କ ଦ୍ୱାରା କନ୍ଧମାଳ କୃଷକ ମାନଙ୍କର ସଫଳତାର କାହାଣୀ ସମ୍ବଳିତ କୃଷି ଓ କୃଷକ ପତ୍ରିକାର ଉନ୍ମୋଚନ କରାଯାଇଥିଲା।

# କଠିନ ବର୍ଜ୍ୟବସ୍ତୁ ପରିଚାଳନା କମିଟି ଗଠିତ

ଫୁଲବାଣୀ ଅଫିସ, ୨୩।୯

ଖଜୁରିପଡ଼ା ବ୍ଲକ ଦୂତିପଡ଼ା ପଞ୍ଚାୟତ ଭବନରେ ଗୁରୁବାର କଠିନ ବର୍ଯ୍ୟବସ୍ତୁ ପରିଚାଳନା କମିଟି ଗଠନ ହୋଇଛି। ଏଥିସହ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଆସନ୍ତା ନଭେମ୍ବର ୩୦ ସୁଦ୍ଧା ସମସ୍ତ ବିଦ୍ୟାଳୟର ଶୌଚାଳୟକୁ ବ୍ୟବହାର ଦିଗରେ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ଯେଉଁ ହିତାଧିକାରୀ ଶୌଚାଳୟ ନିର୍ମାଣରୁ ବାଦ୍ ପଡ଼ିଛନ୍ତି, ସେମାନେ ଯେଭଳି ଶୌଚାଳୟ ନିର୍ମାଣ କରିବେ ତାହା ଉପରେ ପଦକ୍ଷେପ ନିଆଯିବ। ପଞ୍ଚାୟତକୁ ସଂପୂର୍ଣ୍ଣଭାବେ ବାହ୍ୟମଳମୁକ୍ତ ଭାବେ ଗଠନ ପାଇଁ ନିଷ୍ପତି ନିଆଯାଇଛି। ବୈଠକରେ ଦୂତିପଡ଼ା ସରପଞ୍ଚ ଭାନୁପ୍ରଭା ଯାନୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନିଲ୍ କୁମାର ବେହେରା, ଜିଆର୍‌ଏସ୍ ଶ୍ରବଣ କୁମାର ପଣ୍ଡା, ଜଳ ଓ ପରିମଳ ବିଭାଗର କର୍ମଚାରୀ ରାଜ ପ୍ରସାଦ ନାୟକ, ବୈଶାନନ୍ଦ ମହାକୁଡ଼ଙ୍କ ସମେତ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଯୋଗ ଦେଇଥିଲେ।

# ବ୍ରହ୍ମପୁର ଚିଟ୍‌ଫଣ୍ଡ କୋର୍ଟରେ ୧୨୦ ମକଦ୍ଦମା

ବ୍ରହ୍ମପୁର ଅଫିସ,୨୩।୯

- ୧୦ର ବିଚାର ସରିଛି, ୯ ମାମଲାରେ ଦୋଷୀ ସାବ୍ୟସ୍ତ
- ୩ କମ୍ପାନୀ ସମ୍ପତ୍ତି ନିଲାମ ପାଇଁ ହୋଇଛି ନିର୍ଦ୍ଦେଶ

ଚିଟ୍‌ଫଣ୍ଡ ମାମଲାର ଦ୍ରୁତ ବିଚାର ପାଇଁ ବ୍ରହ୍ମପୁରରେ ରହିଛି ସ୍ୱତନ୍ତ୍ର କୋର୍ଟ। ଓପିଆଇଡି ଆକ୍ଟ-୨୦୧୧ରେ ପ୍ରତିଷ୍ଠା ହୋଇଥିବା ଏହି କୋର୍ଟରେ ବର୍ତ୍ତମାନ ପ୍ରାୟ ୧୨୦ ମାମଲା ବିଚାରାଧୀନ ରହିଛି। ପୂର୍ବରୁ ୧୦ ମାମଲାର ବିଚାର ପରେ ରାୟ ପ୍ରକାଶ ପାଇ ସାରିଛି। ୧୦ ମାମଲା ମଧ୍ୟରୁ ୯ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଗୋଟିଏ ମାତ୍ର ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷ ଥିବା ସୂଚନା ମିଳିଛି। ଆବଶ୍ୟକ ସାକ୍ଷ୍ୟ ପ୍ରମାଣ ଦାଖଲ ସହିତ ସରକାରୀ ଓକିଲ ବିଜୟ କୁମାର ପ୍ରଧାନ ମାମଲା ପରିଚାଳନାରେ ଦକ୍ଷତା ଏବଂ ବଳିଷ୍ଠ ଯୁକ୍ତି ଉପସ୍ଥାପନା ଶୈଳୀ ଯୋଗୁ ୧୦ଟି ମାମଲାରୁ ୯ଟିରେ ଦୋଷୀଙ୍କୁ ଦଣ୍ଡାଦେଶ ହୋଇଛି। ବ୍ରହ୍ମପୁରରେ ବିଗତ ବର୍ଷରେ ବହୁ ଚିଟ୍‌ଫଣ୍ଡ ସଂସ୍ଥା ଖୋଲିଥିଲା। ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଇ ବହୁ ସଂସ୍ଥା ସାଧାରଣ ଲୋକଙ୍କ କୋଟି କୋଟି ଟଙ୍କା ହଡ଼ପ୍ କରି ନେଇଥିଲେ। ୨୦୧୦ ପରେ ଗୋଟିଏ ପରେ ଗୋଟିଏ ସଂସ୍ଥାର କଳା କାରନାମା ପଦାକୁ ଆସିଥିଲା। ବହୁ ସଂସ୍ଥା ଲୋକଙ୍କ ଟଙ୍କା ଫେରାଇ ନ ଥିଲେ। ଫଳରେ ଜମାକାରୀ ସଂସ୍ଥା କାର୍ଯ୍ୟାଳୟ ଘେରାଉ କରି ଥାନାରେ ଏତଲା ଦେଇଥିଲେ। କେତେକ ମାମଲା କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରାଯାଇଥିବା ବେଳେ ଆଉ କେତେକ ସ୍ଥାନୀୟ ପୋଲିସ ଦ୍ୱାରା ତଦନ୍ତ କରି କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଛି। ଏଭଳି ମାମଲାର ଦ୍ରୁତ ବିଚାର ପାଇଁ ୨୦୧୫ରେ ବ୍ରହ୍ମପୁରରେ ପ୍ରତିଷ୍ଠା ହୋଇଥିଲା ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟ। ଏହି କୋର୍ଟରେ ଗ୍ରୀନ୍ ଇଣ୍ଡିଆ, ଓସ୍କାର୍, ଏଟି ଗ୍ରୁପ୍, ଦାତୁମ ଓ ରାମକ୍ରିଷ୍ଣା ଇଲେକ୍ଟ୍ରୋ କଣ୍ଟ୍ରୋଲ୍ ଫାଇନାନ୍ସ ଲିମିଟେଡ୍ ଭଳି ଚିଟ୍‌ଫଣ୍ଡ ସଂସ୍ଥାର ମାମଲା ବିଚାର ଚାଲିଛି। ଅଧିକାଂଶ ମାମଲା ରାମକ୍ରିଷ୍ଣା ଇଲେକ୍ଟ୍ରୋ କଣ୍ଟ୍ରୋଲ୍ ଫାଇନାନ୍ସ କମ୍ପାନୀର ରହିଥିବା ସରକାରୀ ଓକିଲ ପ୍ରଧାନ ସୂଚନା ଦେଇଛନ୍ତି। ଏହି କୋର୍ଟ ଦ୍ୱାରା ସର୍ବାଧିକ ୧୦ବର୍ଷ ପର୍ଯ୍ୟନ୍ତ ଦଣ୍ଡାଦେଶ ନିର୍ଦ୍ଦେଶ ହୋଇଛି। ରାମକ୍ରିଷ୍ଣା ଇଲେକ୍ଟ୍ରୋ କଣ୍ଟ୍ରୋଲ୍ ଫାଇନାନ୍ସ କମ୍ପାନୀ ମୁଖ୍ୟଙ୍କୁ ୧୦ବର୍ଷ ପର୍ଯ୍ୟନ୍ତ ଦଣ୍ଡାଦେଶ ହୋଇଥିବା ସରକାରୀ ଓକିଲ ପ୍ରଧାନ କହିଛନ୍ତି। ସେହିପରି ଓସ୍କାର୍, କାଟଲୁନ୍ ଭଳି ୩ ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତ କରି ନିଲାମ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଅଙ୍ଗନୱାଡି କେନ୍ଦ୍ରରେ ପରିପୁଷ୍ଟି ମାସ ପାଳନ

କବିସୂର୍ଯ୍ୟନଗର,୨୩।୯(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ସମନ୍ୱିତ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ କବିସୂର୍ଯ୍ୟନଗର ୱାର୍ଡ ନଂ. ୭ କେନ୍ଦ୍ରରେ ପରିପୁଷ୍ଟି ମାସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ନିର୍ବାହୀ ଅଧିକାରୀ ନାରାୟଣ ବେହେରା, ମୁଖ୍ୟବକ୍ତା ସ୍ୱାସ୍ଥ୍ୟ ପରିଦର୍ଶକ ଶଶାଙ୍କ ଶେଖର ମହାନ୍ତି, ସମ୍ମାନିତ ଅତିଥି ବରିଷ୍ଠ ସ୍ୱାସ୍ଥ୍ୟକର୍ମୀ ଶାନ୍ତିଲତା ପାଇକରାୟ ଓ ସୁପରଭାଇଜର ସୁଖଶାନ୍ତି ମଣ୍ଡଳ ଯୋଗ ଦେଇଥିଲେ। ସମସ୍ତ ପିଲାମାନେ ପରିପୁଷ୍ଟ ହେବା ସହ ମାନସିକ, ଶାରୀରିକ, ସାମାଜିକସ୍ତରରେ କିପରି ଅଭିବୃଦ୍ଧି ଘଟିବ ସେ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ସଂଯୋଜନା କରିଥିଲେ ୱାର୍ଡ ନଂ. ୭ ଅଙ୍ଗନୱାଡି କର୍ମୀ ମମତା ସ୍ୱାଇଁ ଓ ସହଯୋଗ କରିଥିଲେ ଏନ୍‌ଏସିର ସମସ୍ତ ଅଙ୍ଗନୱାଡି କର୍ମୀ, ଆଶାଦିଦି ଓ ସହାୟିକା ପ୍ରମୁଖ।

### କନଷ୍ଟେବଲଙ୍କୁ ହତ୍ୟା ଉଦ୍ୟମ ଘଟଣା

# ଘଟଣାସ୍ଥଳରେ ଏସ୍‌ପିଙ୍କ ତଦନ୍ତ

ବ୍ରହ୍ମପୁର ଅଫିସ,୨୩।୯

ବ୍ରହ୍ମପୁର ପୋଲିସ ଜିଲାର କନଷ୍ଟେବଲଙ୍କୁ ହତ୍ୟା ଉଦ୍ୟମ ଘଟଣା ଉପରୁ ଖୁବଶୀଘ୍ର ପରଦା ହଟିବ। ପୋଲିସ ତଦନ୍ତରେ କେତେକ ପ୍ରମାଣ ପାଇଥିବା ସୂଚନା ମିଳିଛି। ପ୍ରକୃତରେ କନଷ୍ଟେବଲ ଜଗନ୍ନାଥ ପ୍ରଧାନଙ୍କୁ ହତ୍ୟା ଉଦ୍ୟମ କରାଯାଇଛି ନା ତାଙ୍କର କିଛି ଦୁର୍ଘଟଣା ଘଟିଥିଲା ତାହା ପୋଲିସ ସ୍ପଷ୍ଟ କରିବ। ଜଗନ୍ନାଥଙ୍କ ଚେତା ଫେରି ନ ଥିବାରୁ ସେ ଘଟଣା ସମ୍ପର୍କରେ କିଛି କହିପାରୁ ନାହାନ୍ତି। ଏଣୁ ପୋଲିସ ବିଭିନ୍ନ ଦିଗକୁ ନେଇ ଅନୁସନ୍ଧାନ ଜାରି ରଖିଛି। ଗୁରୁବାର ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଛନ୍ତି।

# କରୋନା କଟକଣାରେ ହେବ ଦୁର୍ଗାପୂଜା

ଜି.ଉଦୟଗିରି,୨୩।୯(ଡି.ଏନ.ଏ.)


ଶୁଭ ଖୁଣ୍ଟି ସ୍ଥାପନ ।

## ସ୍ଥାପନ ହେଲା ଶୁଭଖୁଣ୍ଟି

ଜି.ଉଦୟଗିରିର ବହୁ ପୁରାତନ ଦୁର୍ଗାପୂଜା କମିଟି ତରଫରୁ ଗୁରୁବାର ପ୍ରସ୍ତୁତି ଶୁଭାରମ୍ଭ ପୂର୍ବକ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଜି.ଉଦୟଗିରିର ପ୍ରସିଦ୍ଧ ଏବଂ ବହୁ ପୁରାତନ ପୂଜା ମଣ୍ଡପର ଦୁର୍ଗାପୂଜା ମହାଆଡମ୍ବରରେ ପାଳନ ହୋଇ ଆସୁଥିବା ବେଳେ କରୋନା ମହାମାରୀ ଯୋଗୁ ଗତବର୍ଷଠାରୁ କଟକଣା ମଧ୍ୟରେ କେବଳ ରୀତିନୀତି ସମ୍ପନ୍ନ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ମଧ କଟକଣା ମଧ୍ୟରେ ନିରାଡମ୍ବର ଭାବେ ପାଳନ କରିବା ପାଇଁ ପୂଜା କମିଟି ସ୍ଥିର କରିଛି। ଗୁରୁବାର କରୋନା କଟକଣା ମଧ୍ୟରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୂଜା କମିଟି ସଭାପତି କାଳୁ ଚରଣ ପଣ୍ଡା, ସମ୍ପାଦକ ଅରୁଣ କୁମାର ଷଡଙ୍ଗୀ, ବ୍ୟବସାୟୀ ସଂଘ ସଭାପତି ମନୋଜ ମହାପାତ୍ର, କୋଷାଧକ୍ଷ ସଞ୍ଜୀବ କୁମାର ସୁବୁଦ୍ଧି, କାର୍ଯ୍ୟକାରିଣୀ ସଭ୍ୟ ଚନ୍ଦନ ପାଣିଗ୍ରାହୀ, ଦେବୀ ପ୍ରସାଦ ଦାଶ, ଗଙ୍ଗା ପାତ୍ରଙ୍କ ସମେତ କର୍ତ୍ତା ରବିନ୍ କୁମାର ପାଢ଼ୀ, ପୁରୋହିତ ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ, ସୁଧାଂଶୁ ଆଚାର୍ଯ୍ୟ ଓ ସଞ୍ଜୟ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଜି.ଉଦୟଗିରି ଅଞ୍ଚଳରେ ଏହା ଏକ ପ୍ରମୁଖ ଯାତ୍ରା ହୋଇଥିବା ବେଳେ ଏଥିରେ ପୂଜା କମିଟି ସହିତ ବ୍ୟବସାୟୀ, ସାଧାରଣ ଜନତାଙ୍କ ସହଯୋଗ ରହିଥାଏ। ୫ ଦିନ ଧରି ଆୟୋଜିତ ଏହି ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭସାଣି ଉତ୍ସବ ଦେଖିବା ପାଇଁ ଆଖପାଖ ଗ୍ରାମାଞ୍ଚଳରୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥାଏ। କିନ୍ତୁ କରୋନା କଟକଣା ଯୋଗୁ ଶ୍ରଦ୍ଧାଳୁମାନଙ୍କୁ ନିରାଶ ହେବାକୁ ପଡୁଛି।

**ମାନବିକତା ଦେଖାଇଲେ ୪ ଯୁବକ**

# ରାସ୍ତାରୁ ପାଇଥିବା ଟଙ୍କା ବ୍ୟାଗ୍ ଫେରାଇଲେ

ପାତ୍ରପୁର,୨୩।୯(ଡି.ଏନ.ଏ)

ରାସ୍ତାରୁ ପାଇଥିବା ଏକ ଟଙ୍କା ବ୍ୟାଗ୍ ଫେରାଇ ମାନବିକତା ଦେଖାଇଛନ୍ତି ୪ଜଣ ଯୁବକ। ଜରଡା ଥାନା ବାଦପୁର ପଞ୍ଚାୟତ ହଳଦିଆପଦର ଗ୍ରାମର ଏ. କ୍ରିଷ୍ଣା ରେଡ୍ଡୀ ପାତ୍ରପୁରସ୍ଥିତ ବ୍ୟାଙ୍କରେ ଥିବା ତାଙ୍କ ଜମା ଟଙ୍କାରୁ ଗୁରୁବାର ୫୦ ହଜାର ଉଠାଣ କରି ଫେରୁଥିଲେ। ସେ ବାଇକରେ ଆସୁଥିବା ବେଳେ ଅଜାଣତରେ ଟଙ୍କା ବ୍ୟାଗ ରାସ୍ତାରେ ଖସିଯାଇଥିଲା। ଘରେ ପହଞ୍ଚି ଟଙ୍କା ବ୍ୟାଗ ନ ଥିବା ଜାଣି ବ୍ୟତିବ୍ୟସ୍ତ ହୋଇ ରାସ୍ତାରେ ଖୋଜିବାକୁ ଯାଇଥିଲେ। କୌଣସି ସନ୍ଧାନ ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। କିଛି ସମୟ ପରେ ୪ ଯୁବକ ଭେଙ୍କଟ ରାଓ, ଉମେଶ ରଣା, କୁରେଶ ପ୍ରଧାନ ଓ ରିତେଶ ପ୍ରଧାନ ଥାନାରେ ପହଞ୍ଚି ସେମାନେ ଏକ ଟଙ୍କା ବ୍ୟାଗ ପାଇଥିବା ଜଣାଇ ତାହା ପୋଲିସକୁ ଦେଇଥିଲେ। ଥାନା ଏସଆଇ ସତ୍ୟନାରାୟଣ ପାଢ଼ୀ ତୁରନ୍ତ ଏ ନେଇ ଯୋଗାଯୋଗ କରିବାରୁ କ୍ରିଷ୍ଣା ଥାନାକୁ ଆସିଥିଲେ। ଟଙ୍କା ବ୍ୟାଗ ପାଇବା ପରେ ସେ ୪ ଯୁବକଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ଟଙ୍କା ବ୍ୟାଗ୍ ଫେରାଉଛନ୍ତି ଯୁବକମାନେ।

# ରାସ୍ତା ପାର୍ଶ୍ୱ ପାଲଟିଛି ଡମ୍ପିଂୟାର୍ଡ

ଆର.ଉଦୟଗିରି,୨୩।୯(ଡି.ଏନ.ଏ.)


ରାସ୍ତା ପାର୍ଶ୍ୱରେ ପଡ଼ିଥିବା ଅଳିଆ ଆବର୍ଜନା।

ଆର.ଉଦୟଗିରି ମୁଖ୍ୟ ବଜାର ଏବଂ ବସଷ୍ଟାଣ୍ଡ୍ ସଫା କରିବା ପାଇଁ ୪ ଜଣ ଝାଡୁଦାର ନିଯୁକ୍ତ ହୋଇଛନ୍ତି। ଗ୍ରାମର ସମସ୍ତ ଅଳିଆ ସଫା କରି ହାଇସ୍କୁଲ ଓ ମୁଖ୍ୟ ରାସ୍ତାର ଖ୍ରୀଷ୍ଟିଆନ ସାହି ଅଙ୍ଗନୱାଡି କେନ୍ଦ୍ର ନିକଟ କଡ଼ରେ ଦୀର୍ଘବର୍ଷ ଧରି ପକାଉଛନ୍ତି। ଏହି ଅଳିଆଗୁଡିକୁ ଗ୍ରାମର ଗୋରୁ, ବଳଦ ଓ କୁକୁରମାନେ ରାସ୍ତା ଉପରେ ଆଣି ପକାଇ ଦିଅନ୍ତି। ବର୍ଷାହେଲେ ଅଳିଆରେ ପାଣି ପଡି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ଆରଡି, ଏମ୍‌ଆଇ ଅଫିସ, ଉଦ୍ୟାନ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, କୃଷି ଅଫିସ, ଜେଲ୍, ଆରଡବ୍ଲୁଏସ୍‌ଏସ୍ ବିଭାଗ ଓ ହାଇସ୍କୁଲକୁ ଯାତାୟାତ କରୁଥିବା ଛାତ୍ରୀଛାତ୍ର ଏବଂ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆର୍‌ଡବ୍ଲୁଏସ୍‌ଏସ୍ ବିଭାଗ ସ୍ୱଚ୍ଛ ଭାରତ ଅଭିଯାନରେ ୪୦ ହଜାର ଟଙ୍କା ଖର୍ଚ୍ଚ କରି ଗ୍ରାମର ହାଟପଦାଠାରେ ଜୈବ ବିଘଟନ ଆବର୍ଜନା କୁଣ୍ଡ ନିର୍ମାଣ କରାଯାଇଛି। ପ୍ରଥମ କୁଣ୍ଡରେ ପରିବା ଚୋପା, କାଗଜ ଓ ବଳକା ଖାଦ୍ୟ ଓ ଦ୍ୱିତୀୟ କୁଣ୍ଡରେ ଶୁଖିଲା ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ ବୋତଲ, ପଲିଥିନ୍ ଓ ଲୁହା ସାମଗ୍ରୀ ପକାଇବା ପାଇଁ ନିର୍ମାଣ କରାଯାଇଥିଲା। ନିର୍ମାଣ ହେବାର ୫ ମାସରୁ ଊର୍ଦ୍ଧ୍ୱ ହେଲାଣି ଆଜିସୁଦ୍ଧା କାର୍ଯ୍ୟକାରୀ ନ ହୋଇ ପଡିରହିଛି। ଏହା ଏବେ ନଷ୍ଟ ହେବାକୁ ଗଲାଣି। ଏଥିସହ ତା'ରି ପାଖରେ ଏକ ବଡ ଗାତ ଖୋଳାଯାଇଛି। ସେହି ଗାତରେ ଗ୍ରାମର ଗୋରୁ ପଡି ଆହତ ହେଉଥିବା ଅଭିଯୋଗ ହେଉଛି। ସ୍ୱଚ୍ଛ ଭାରତ ଅଭିଯାନ ତରଫରୁ ଏତେ ଟଙ୍କା ଖର୍ଚ୍ଚକରି ନିର୍ମାଣ ହୋଇଥିବା ଡମ୍ପିଂୟାର୍ଡ ବ୍ୟବହାର ନ ହୋଇ ପଡିଛି। ଏ ନେଇ ସ୍ଥାନୀୟ ବିଡିଓ ପ୍ରଦୀପ କୁମାର ନାୟକଙ୍କୁ ପଚାରିବାରୁ ସେହି କାମ ଆମେ କରିନୁ ବୋଲି କହିଛନ୍ତି। ଆର୍‌ଡବ୍ଲୁଏସ୍‌ଏସ୍ ବିଭାଗର ସହକାରୀ ଯନ୍ତ୍ରୀ ପ୍ରହଲ୍ଲାଦ ସାହୁଙ୍କୁ ପଚାରିବାରୁ ସ୍ୱଚ୍ଛ ଭାରତ ଅଭିଯାନ କାମ ଆମର ନୁହେଁ। ୨୦୧୯ରୁ ଏହି ସମସ୍ତ କାମକୁ ଡିଆରଡିଏ ବିଭାଗକୁ ଦାୟିତ୍ୱ ଦିଆଯାଇଛି ବୋଲି କହିଥିଲେ। ଆରଡବ୍ଲୁଏସଏସ ବିଭାଗର କନିଷ୍ଠ ଯନ୍ତ୍ରୀ-୨ ଋଷିକେଶ ମାରାଣ୍ଡିଙ୍କୁ ପଚାରିବାରୁ ନିର୍ମାଣ ହୋଇଥିବା ଡମ୍ପିଂୟାର୍ଡରେ କାମ ବିଷୟ ଲେଖାଯାଇଛି, ଝାଡୁଦାରମାନେ ଅଳିଆକୁ ନେଇ ନ ପକାଇଲେ ମୁଁ କ'ଣ କରିବି ବୋଲି କହିଥିଲେ।

